# ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ

ଜୟପୁର, ୨୬।୮ (ଆପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଜୟପୁର ଆଞ୍ଚଳିକ କେନ୍ଦ୍ର ଜୟପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଏସ୍‌ଓୟୁର କୁଳପତି ଡଃ ଶ୍ରୀକାନ୍ତ ମହାପାତ୍ର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜୟପୁର ବିକ୍ରମଦେବ କଲେଜ କମର୍ସ ବ୍ଲକ୍‌ରେ ଏହି କେନ୍ଦ୍ର ଖୋଲାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ତଥା ସମସ୍ତଙ୍କୁ ହାତ ପାହାନ୍ତାରେ ଶିକ୍ଷା ଯୋଗାଇଦେବା ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ ହେବ। ଦୂରଶିକ୍ଷା ପାଇଁ ବିଦ୍ୟାର୍ଥୀମାନେ ଆଗ୍ରହ ପ୍ରକାଶ କରୁଥିବାରୁ ଏହା ଏକ ମାଇଲଖୁଣ୍ଟ ହିସାବରେ ରହିବ ବୋଲି ଡଃ ମହାପାତ୍ର ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଏସ୍‌ଓୟୁ ରେଜିଷ୍ଟ୍ରାର ଜୟନ୍ତ କରଶର୍ମା। ଜୟପୁର ଆଞ୍ଚଳିକ କେନ୍ଦ୍ରର ଉପଦେଷ୍ଟା ମହେନ୍ଦ୍ର ମିଶ୍ର, ବିକ୍ରମଦେବ କଲେଜ ଅଧ୍ୟକ୍ଷ ସି. ସାବିତ୍ରୀ, ଓପନ୍ ୟୁନିଭରସିଟିର ସଂଯୋଜକ ତ୍ରିନାଥ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଅଧିଗ୍ରହଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୧ଟି ବିଭାଗର ୭୪ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ଗଣ ଯୋଗାଯୋଗ ବିଭାଗରେ ମୋଟ ୧୬ ଜଣ ବିଦ୍ୟାର୍ଥୀ ନାମ ଲେଖାଇଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରଦୀପ ଦାସ, ନିରଞ୍ଜନ ପ୍ରଧାନୀ, ଅନ୍ୟ ବିଭାଗର ରଞ୍ଜନ ପ୍ରଧାନ, ଗୋପାଳ ହାଲ୍‌ଦାର, ଲକ୍ଷ୍ମଣ ପାତ୍ର, ପ୍ରଶାନ୍ତ ପାତ୍ର, ରଞ୍ଜନ ଆଚାର୍ଯ୍ୟ, ଗୋପାଳ ହାଲ୍‌ଦାର, ସୁକାନ୍ତି ସାଏ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

